SMPB

# ଓଡ଼ିଶା ସରକାର

## ଜଙ୍ଗଲ ଓ ପରିବେଶ ବିଭାଗ

ଦକ୍ଷିଣ ବନଖଣ୍ଡ କଳାହାଣ୍ଡି ଭବାନୀପାଟଣା

ଫୋନ. ନଂ.୦୬୬୭୦-୨୩୧୬୭୬

**ଜିଲ୍ଲାସ୍ତରୀୟ କଳିଙ୍ଗ ହର୍ବଲ ମେଳା-୨୦୧୯**

ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ତରଫରୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଚଳିତ ବର୍ଷ ଫେବ୍ରୁଆରି ମାସ ୫ ତରିଖରୁ ୯ ତରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର ଭବାନୀପଟଣା ଠାରେ (ଲାଲ୍ ବାହାଦୁର ଷ୍ଟେଡ଼ିଅମ୍ ପଡ଼ିଆରେ) ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ କରୁଛନ୍ତି । ଏହି ମେଳାରେ ୫୦ ଗୋଟି ଷ୍ଟଲ ଖୋଲା ହେବ । ଉପରୋକ୍ତ ହର୍ବଲ ମେଳାରେ ଭାଗ ନେବାକୁ ଇଚ୍ଛୁକ ବୈଦ୍ୟ, SHG group, NGOs, ବନ ସୁରକ୍ଷା ସମିତି , ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ଉତ୍ପାଦନ କାରି ଓ ବ୍ୟବସାୟୀ ପ୍ରତିଷ୍ଠାନ, ପାରମ୍ପରିକ ଚିକିତ୍ସକ ବ୍ୟକ୍ତି ବିଶେଷ ( ଆୟୁର୍ବେଦ/ ହୋମିଓପାଥି/ ୟୁନାନୀ )ଓ ଅନୁଷ୍ଠାନ ସ୍ଥାନୀୟ ଦକ୍ଷିଣ ବନଖଣ୍ଡ ଅଧିକାରୀଙ୍କ ଅଫିସରେ ନିର୍ଦ୍ଧାରିତ ଅଗ୍ରିମ ଦେୟ ପୈଠ କରି ଷ୍ଟଲ ବୁକିଂ କରିପାରିବେ

ଏ ପର୍ଯ୍ୟନ୍ତ ରାଜ୍ୟର ବିଗତ ୫ ବର୍ଷ ଧରି ଆୟୋଜିତ କୌଣସି ମେଳାରେ ଭାଗ ନେଇ ନ ଥିବା ବା କ୍ୱଚିତ ଭାଗ ନେଇଥିବା ବ୍ୟକ୍ତି/ ସଂସ୍ଥାଙ୍କୁ ଅଗ୍ରାଧିକାର ଦିଆଯିବା ସହ ଓଡ଼ିଶାର ସବୁ ଜିଲ୍ଲାର ପ୍ରତିନିଧିତ୍ୱକୁ ମଧ୍ୟ ପ୍ରାଥମିକତା ଦିଆଯିବ । ଏହି ମେଳା ର ଉଦେଶ୍ୟ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଆୟୁରବେଦିକ ଔଷଧ ର ସୁଫଳ ବ୍ୟବହାର ,ସଚେତନ, ବ୍ୟବହାରିକ ପ୍ରଣାଳି ବିଷୟରେ ଅବଗତ କରିବା, ଆମର ସ୍ୱାସ୍ଥ୍ୟ ରେ ଔଷଧୀୟ ଉଦ୍ଭିଦ ର ମହତ୍ୱ , ଓଡ଼ିଶାର ବିଭିନ୍ନ ଯାଗାରେ ଥିବା ବୈଦ୍ୟ, ତାଙ୍କର ଚିକିତ୍ସା ପ୍ରଣାଳି ଓ ତାଙ୍କ ଦ୍ୱାରା ପ୍ରସ୍ତୁତ ଚେରିମୂଳି ଔଷଧକୁ ପ୍ରୋତ୍ସାହନ ଦେବା ।

- ପ୍ରତ୍ୟେକ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ସହିତ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।
- ଦ୍ୱିତୀୟ ଦିବସ ରେ ସକାଳ ୫ ଘଟିକା ଠାରୁ ୬ ଘଟିକା ପର୍ଯ୍ୟନ୍ତ ଯୋଗ ଶିବିର ଅନୁଷ୍ଠିତ ହେବ ।

ଏହି ମେଳାରେ ଜନସାଧାରଣ ବିପୁଳ ଭାବରେ ଯୋଗ ଦେଇ ଉପକୃତ ହେବାକୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକରୀ ଅନୁରୋଧ କରୁଛନ୍ତି ।